୨୪.୦୯.୨୦୨୫

**ବିଦ୍ୟୁତ୍ Structure ର ବର୍ତ୍ତମାନ ସ୍ଥିତି**

**ଅଣତାରକା ପ୍ରଶ୍ନ ସଂଖ୍ୟା:- ୧୯୨୬. ଶ୍ରୀ ଅଶ୍ୱିନୀ କୁମାର ପାତ୍ର:** ଉପ ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜଳେଶ୍ୱର ବ୍ଲକ ଅଧିନସ୍ଥ ଲକ୍ଷ୍ମଣନାଥ ଠାରେ ନିର୍ମାଣ ହେଉଥିବା ବିଦ୍ୟୁତ୍ Structure ବର୍ତ୍ତମାନ କେଉଁ ସ୍ତରରେ ଏହା ପୂର୍ଣାଙ୍ଗ ହୋଇ କାର୍ଯ୍ୟକ୍ଷମ କେବେ ହେବ ଏବଂ ବିଦ୍ୟୁତ ସରବରାହ ଉପଭୋକ୍ତାଙ୍କୁ ଠିକଭାବରେ ଯୋଗାଇଦେବାପାଇଁ ଆଉ କେଉଁ ନୂଆ ପଦ୍ଧତି ଆପଣେଇଛନ୍ତି ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ ମୁଖ୍ୟମନ୍ତ୍ରୀ (ଶକ୍ତି):-**

TPNODL ଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ ଜଳେଶ୍ୱର ଡିଭିଜନ ଅନ୍ତର୍ଗତ ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ଠାରେ ନୂତନ 33/11 kV ବିଦ୍ୟୁତ୍ structure ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ଏହି ବିଦ୍ୟୁତ୍ structure ରେ ସଂଶ୍ଳିଷ୍ଟ ଥିବା 6.25 Ckm ଲମ୍ବ 33kV ଲାଇନର କାର୍ଯ୍ୟ ସମାପ୍ତ ହୋଇଛି, ଏବଂ Electrical Inspector ଙ୍କ ଠାରୁ ଆନୁଷ୍ଠାନିକ ଅନୁମତି ପ୍ରାପ୍ତ ହୋଇଛି। ଏହା ବ୍ୟତୀତ 33 KV switch gear, 11 kV switch gear ଏବଂ 5 MVA ପାୱାର ଟ୍ରାନ୍ସଫର୍ମର ସ୍ଥାପନ ସମେତ ସମସ୍ତ Civil କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି। ଏହି କାର୍ଯ୍ୟ Electrical Inspector ଙ୍କ ଠାରୁ ଆନୁଷ୍ଠାନିକ ମଞ୍ଜୁରୀ ର ସମସ୍ତ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ଅଛି । ଏହି PSS ରୁ ପ୍ରସ୍ତାବିତ 4 ଟି 11 kV ଫିଡର ନିର୍ମାଣ କାର୍ଯ୍ୟ ମଧ୍ୟରୁ 1 ଟି 11KV Feeder ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ, ବାକି 3 ଟି feederର ROW issue କୁ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି 33/11KV S/s ଅକ୍ଟୋବର ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।